# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**17 August - 2024**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ବିଧାୟକମାନଙ୍କର ଶୃଙ୍ଖଳିତ ଆଚରଣ, ଉଚ୍ଚାରଣ ଏବଂ ଉତ୍ତମ କାର୍ଯ୍ୟଶୈଳୀ ଗଣତାନ୍ତ୍ରିକ ପରମ୍ପରାକୁ କରିଥାଏ ସୁଦୃଢ଼; କହିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ

– ସପ୍ତଦଶ ବିଧାନସଭାର ନବନିର୍ବାଚିତ ବିଧାୟକମାନଙ୍କ ପାଇଁ ଆରମ୍ଭ ହେଲା ପ୍ରଶିକ୍ଷଣ ଶିବିର

- ଓଡ଼ିଶା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଆଜି ଯୋଗଦେବେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା

ଏବଂ

- କଟକ ଆକାଶବାଣୀ କେନ୍ଦ୍ର ପକ୍ଷରୁ ଆଜି ସନ୍ଧ୍ୟାରେ ଆୟୋଜନ କରାଯାଉଛି 'ମୁକ୍ତି ଗୀତିକା' କାର୍ଯ୍ୟକ୍ରମ

**BBSR**

# ବିଧାୟକଙ୍କ ପ୍ରଶିକ୍ଷଣ ଶିବିର

ରାଜ୍ୟ ବିଧାନସଭାର ନବନିର୍ବାଚିତ ବିଧାୟକଙ୍କ ପାଇଁ ଆଜିଠାରୁ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ନବ ନିର୍ବାଚିତ ବିଧାୟକମାନଙ୍କୁ ବିଧାନସଭାର କାର୍ଯ୍ୟକଳାପ ସହ ବିଭିନ୍ନ ବିଷୟରେ ଗୃହର ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନେବା ଉପରେ ପ୍ରଶିକ୍ଷଣ ଦିଆଯାଉଛି । କେନ୍ଦ୍ର ସଂସଦୀୟ ବ୍ୟପାର ମନ୍ତ୍ରୀ କିରଣ ରିଜିଜୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଛନ୍ତି, ବିଧାୟକମାନଙ୍କର ଶୃଙ୍ଖଳିତ ଆଚରଣ, ଉଚ୍ଚାରଣ ଏବଂ ଉତ୍ତମ କାର୍ଯ୍ୟଶୈଳୀ ଗଣତାନ୍ତ୍ରିକ ପରମ୍ପରାକୁ ସୁଦୃଢ଼ କରିଥାଏ। ଅନ୍ୟମାନଙ୍କ ମଧ୍ୟରେ କଟକ ଓ ସୁନ୍ଦରଗଡ ସାଂସଦ ଏବଂ ଗୃହକାର୍ଯ୍ୟରେ ଅଭିଜ୍ଞତା ଥିବା ବ୍ୟକ୍ତିବିଶେଷଙ୍କୁ ଏହି ପ୍ରଶିକ୍ଷଣ ଶିବିରରେ ବିଧାୟକମାନଙ୍କୁ ତାଲିମ ଦେବା ପାଇଁ ନିମନ୍ତ୍ରଣ କରାଯାଇଛି। ସୂଚନା ଅନୁସାରେ, ସପ୍ତଦଶ ବିଧାନସଭାରେ ୮୪ ଜଣ ନୂଆ ବିଧାୟକ ନିର୍ବାଚିତ ହୋଇଛନ୍ତି। ବିଜେପିରୁ ସର୍ବାଧିକ ୫୪ ଜଣ ନବାଗତ ବିଧାୟକ ଥିବା ବେଳେ ବିଜେଡ଼ିରୁ ୧୮, କଂଗ୍ରେସରୁ ୯ ଓ ୩ ଜଣ ସ୍ୱାଧୀନ ନବନିର୍ବାଚିତ ବିଧାୟକ ଅଛନ୍ତି । ଭାରତୀୟ ଜନତା ପାର୍ଟିର ନବନିର୍ବାଚିତ ବିଧାୟକମାନେ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ବେଳେ ବିଜୁ ଜନତା ଦଳ ଏବଂ କଂଗ୍ରେସ ସଦସ୍ୟମାନେ ଏଥିରେ ଯୋଗଦେଇ ନାହାଁନ୍ତି।

*CTC/Koraput*

# ଡାକ୍ତର-କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ

ଡାକ୍ତରମାନଙ୍କ ବିରୋଧରେ ହିଂସାକାଣ୍ଡ ଘଟିଲେ ୬ ଘଣ୍ଟା ମଧ୍ୟରେ ମାମଲା ରୁଜୁ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦେଶର ସମସ୍ତ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶ ଅନୁସାରେ ଡାକ୍ତର ଏବଂ ରୋଗୀଙ୍କୁ ସେବା ଦେଉଥିବା ବ୍ୟକ୍ତିବିଶେଷଙ୍କୁ ସୁରକ୍ଷା ଦେବାରେ ସ୍ୱାସ୍ଥ୍ୟସେବା ଅନୁଷ୍ଠାନଗୁଡ଼ିକର ମୁଖ୍ୟ ଦାୟିତ୍ୱ ରହିଛି । କୋଲକାତା ସମେତ ଦେଶର କେତେକ ସ୍ଥାନରେ ଡାକ୍ତରମାନେ ସେମାନଙ୍କର ସୁରକ୍ଷାକୁ ନେଇ ଆନ୍ଦୋଳନ ଜାରି ରଖିଥିବା ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

ଅନ୍ୟପକ୍ଷରେ କଟକ ଏସ୍‌ସିବି ମେଡିକାଲ କଲେଜ୍ କନିଷ୍ଠ ଡାକ୍ତରମାନଙ୍କ ୪ ଦଫା ଦାବି ପୂରଣ ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ପରିପ୍ରେକ୍ଷୀରେ ମେଡିକାଲ କଲେଜର ଅଧ୍ୟକ୍ଷକ ଡାକ୍ତର ସୁଧାଂଶୁ ମିଶ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଆନ୍ଦୋଳନରତ ଡାକ୍ତରମାନେ ଜରୁରିକାଳୀନ ରୋଗୀସେବାରେ ନିୟୋଜିତ ଅଛନ୍ତି । ରୋଗୀସେବା ବାଧାପ୍ରାପ୍ତ ନ ହେବା ପାଇଁ କର୍ତ୍ତୃପକ୍ଷ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛନ୍ତି । ମେଡିକାଲ କଲେଜର

ଡାକ୍ତର ଏବଂ ପ୍ରାଧ୍ୟାପକମାନଙ୍କର ଛୁଟି ବାତିଲ କରାଯାଇଛି ବୋଲି ଡାକ୍ତର ମିଶ୍ର କହିଛନ୍ତି ।

କୋଲକାତାରେ ଘଟିଥିବା ଡାକ୍ତରୀ ଛାତ୍ରୀଙ୍କ ମୃତ୍ୟୁ ଘଟଣାର ପ୍ରତିବାଦରେ କଟକ ବଡ଼ମେଡିକାଲ ସମେତ ରାଜ୍ୟର ଅନ୍ୟ ମେଡିକାଲ କଲେଜ ଗୁଡ଼ିକରେ ଶାନ୍ତିପୂର୍ଣ୍ଣ ଭାବେ ଜୁନିୟର ଡାକ୍ତରମାନେ ଆଜି ଦିନକ ପାଇଁ ଆନ୍ଦୋଳନ ଜାରି ରଖିଛନ୍ତି ।

***Desk***

# ଅଭିଯୋଗ ଶୁଣାଣି ବନ୍ଦ

ଚଳିତ ମାସ ୧୯ ଓ ୨୬ ତାରିଖରେ ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ଏହ ଦୁଇଦିନ ସରକାରୀ ଛୁଟି  ଥିବାରୁ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି ।

***Desk***

# ଖାଦ୍ୟ ଯୋଗାଣ ମନ୍ତ୍ରୀ

ସାଧାରଣ ବଣ୍ଟନ ନିମନ୍ତେ ଚାଉଳ ବାବଦକୁ ବକେୟା ଟଙ୍କା ଦେବାପାଇଁ କେନ୍ଦ୍ର ଖାଦ୍ୟ ଯୋଗାଣ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ସମ୍ମତି ଜଣାଇଛନ୍ତି । ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ

ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନୂଆଦିଲ୍ଲୀରେ ଶ୍ରୀ ଯୋଶୀଙ୍କୁ ସାକ୍ଷାତ୍ କରି ଏହି ବାବଦରେ ବକେୟା ଅର୍ଥ ଦେବାପାଇଁ ଅନୁରୋଧ କରିଥିଲେ । ଏହାସହିତ ସମୁଦାୟ ଚାଉଳ ଯୋଗାଣର ୨୦ ପ୍ରତିଶତ ଗହମ ଏବଂ ଚାଉଳ ସଂରକ୍ଷଣ ପାଇଁ ଗୋଦାମଘର ତିଆରି କରିବା ପାଇଁ ଶ୍ରୀ ପାତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଜଣାପଡିଛି ।

***Desk***

## କଂଗ୍ରେସ ଷ୍ଟିଅରିଂ କମିଟି ବୈଠକ

କଂଗ୍ରେସ ଷ୍ଟିଅରିଂ କମିଟିର ପ୍ରଥମ ବୈଠକ ଆସନ୍ତା ୨୧ ତାରିଖ ବୁଧବାର ଦିନ ଅନୁଷ୍ଠିତ ହେବ ବୋଲି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି। ଷ୍ଟିଅରିଂ କମିଟି ବୈଠକକୁ ସମସ୍ତ ପୂର୍ବତନ ପିସିସି ସଭାପତି ଏବଂ ବିଧାୟକମାନଙ୍କୁ ସ୍ୱତନ୍ତ୍ର ଅତିଥିଭାବେ ନିମନ୍ତ୍ରଣ କରାଯାଇଛି। ରାଜ୍ୟ କଂଗ୍ରେସର ଷ୍ଟିଅରିଂ କମିଟି ଚଳିତ ମାସ ୧୪ ତାରିଖରେ ଗଠନ କରାଯାଇଥିଲା। ଷ୍ଟିଅରିଂ କମିଟିରେ ଦଳର ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କ ସମେତ ୧୪ ଜଣ ସଦସ୍ୟ ଅଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ପ୍ରଭାରୀଙ୍କ ପକ୍ଷରୁ ଦଳର ଆଭିମୁଖ୍ୟ ସମ୍ପର୍କରେ ଗଣମାଧ୍ୟମରେ ତଥ୍ୟ ରଖିବା ପାଇଁ ୪ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ବିଧାୟକ ରାମଚନ୍ଦ୍ର କାଡାମ, ବରିଷ୍ଠ ନେତା ଶ୍ରୀକାନ୍ତ ଜେନା, ସନ୍ତୋଷ ସିଂ ସାଲୁଜା ଏବଂ ବିଶ୍ୱରଞ୍ଜନ ମହାନ୍ତି ଗଣମାଧ୍ୟମରେ ଦଳର ଆଭିମୁଖ୍ୟ

ସମ୍ପର୍କରେ କହିପାରିବେ ବୋଲି ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

***Desk***

## ସମାବର୍ତ୍ତନ ଉତ୍ସବ

ଓଡ଼ିଶା ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟର ଏକାଦଶ ସମାବର୍ତ୍ତନ ଉତ୍ସବ ଆଜି ଅନୁଷ୍ଠିତ ହେବ। କଟକସ୍ଥିତ ବିଶ୍ୱବିଦ୍ୟାଳୟର କାଠଯୋଡି କ୍ୟାମ୍ପସ୍‌ରେ ଏହି କାର୍ଯ୍ୟକ୍ରମ ଅପରାହ୍ନ ସାଢ଼େ ୩ଟାରୁ ଆରମ୍ଭ ହେବ। ସୁପ୍ରିମ୍‌କୋର୍ଟ  ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଓଡ଼ିଶା ହାଇକୋର୍ଟର ମୁଖ୍ୟବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ, ଓଡ଼ିଶା ହାଇକୋର୍ଟର ଅନ୍ୟ ବିଚାରପତିଙ୍କ ସମେତ ଆଇନଜୀବୀ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେବେ। 'ସର୍ବମ୍ ଏଆଇ'ର ସହପ୍ରତିଷ୍ଠାତା ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବେ। ସମାବର୍ତ୍ତନ ଉତ୍ସବରେ ଛାତ୍ରଛାତ୍ରୀମାନଙ୍କୁ ଡି.ଲିଟ୍, ପିଏଚ୍‌ଡି, ସହିତ ଅନ୍ୟ ଉପାଧି ଦିଆଯିବ।

***Desk***

## ମୁକ୍ତିଗୀତିକା-ଆକାଶବାଣୀ

ଆକାଶବାଣୀ କଟକ କେନ୍ଦ୍ର ଆଜି ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ କଟକ କଳାବିକାଶ କେନ୍ଦ୍ରରେ 'ମୁକ୍ତି ଗୀତିକା'ର ଆୟୋଜନ କରିବ। ଏହି

କାର୍ଯ୍ୟକ୍ରମରେ ଓଡ଼ିଶୀ, ହିନ୍ଦୁସ୍ତାନୀ, ଭକ୍ତି ତଥା ପଲ୍ଲୀଗୀତର ସୁମଧୁର ସଙ୍ଗମ ପରିବେଷଣ କରାଯିବ । କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ କଣ୍ଠଶିଳ୍ପୀ ଡକ୍ଟର ସଙ୍ଗୀତା ଗୋସାଇଁଙ୍କ କଣ୍ଠରେ ଓଡ଼ିଶୀ ସଙ୍ଗୀତ ଗାୟନ, ଲକ୍ଷ୍ମୀପ୍ରିୟା ନାୟକଙ୍କ ଚଇତି, ଦାଦରା, ଠୁମ୍ରୀ, ଅନ୍ତରା ଚକ୍ରବର୍ତ୍ତୀ ଏବଂ କରୁଣାକର ସେଠୀଙ୍କ ପଲ୍ଲୀ ଓ ଦେଶଭକ୍ତି ଗୀତ ଏବଂ ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସମବେତ ଦେଶ ବନ୍ଦନା ଗାନ କରାଯିବ ।

***Desk***

## ରାଜ୍ୟରେ ମ୍ୟାଲେରିଆ ରୋଗୀ ବୃଦ୍ଧି

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଆଧାରରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଦର୍ଶାଯାଇଛି । ୭ଟି ଜିଲ୍ଲା ରାୟଗଡ଼ା, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବୌଦ୍ଧ, ମୟୂରଭଞ୍ଜ ଏବଂ କନ୍ଧମାଳରେ ରାଜ୍ୟର ମୋଟ ମ୍ୟାଲେରିଆ ରୋଗୀଙ୍କ ମଧ୍ୟରୁ ୮୪ ପ୍ରତିଶତରୁ ଅଧିକ ରୋଗୀ ଚିହ୍ନଟ ହୋଇଛନ୍ତି ।  ସରକାରୀ ତଥ୍ୟ ଅନୁସାରେ ଏହି ୭ଟି ଜିଲ୍ଲାରେ ୨୭ ହଜାର ୬୮୪ ଜଣ ମ୍ୟାଲେରିଆ ରୋଗୀ ଅଛନ୍ତି । ଜୁଲାଇ ମାସ ଶେଷ ସୁଦ୍ଧା ରାଜ୍ୟରେ ମୋଟ୍ ୩୨ ହଜାର ୬୭୬ ମ୍ୟାଲେରିଆ ଆକ୍ରାନ୍ତ ରୋଗୀ ଚିହ୍ନଟ ହୋଇଛନ୍ତି । ରାୟଗଡ଼ାରୁ ସର୍ବାଧିକ ୬ ହଜାର ୮୮ ମ୍ୟାଲେରିଆ ଆକ୍ରାନ୍ତ ରୋଗୀ

ଚିହ୍ନଟ ହୋଇଥିବା ନେଇ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସରକାରୀ ତଥ୍ୟ ଅନୁସାରେ, ଚଳିତ ବର୍ଷ ମ୍ୟାଲେରିଆ ରୋଗରେ ୪ ଜଣଙ୍କର ମୃତ୍ୟୁ ହୋଇଛି। ଜନସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ଉପକୂଳ ଜିଲ୍ଲାଗୁଡ଼ିକରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ଅନ୍ୟ ଜିଲ୍ଲାଗୁଡ଼ିକ ତୁଳନାରେ କମ୍ ରହିଛି। ଅନ୍ୟପକ୍ଷରେ ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ପ୍ରାୟ ୨ ହଜାର ଥିବା  କୁହାଯାଇଛି। ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ପ୍ରାୟ ୫୦୦ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼, ରାଉରକେଲା, ବଲାଙ୍ଗୀର, କଟକ ସହରଗୁଡ଼ିକରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ୨୦୩୦ ମସିହା ଶେଷ ସୁଦ୍ଧା ଓଡ଼ିଶାକୁ ମ୍ୟାଲେରିଆ ମୁକ୍ତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

***Desk***

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଲାଗି ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆଜି ଝାରସୁଗୁଡା, ସମ୍ବଲପୁର, ଦେବଗଡ, ବରଗଡ, ନୂଆପଡା, ବଲାଙ୍ଗିର, ବୌଦ୍ଧ, ସୁବର୍ଣ୍ଣପୁର, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାର

କେତେକ ସ୍ଥାନରେ ଅତିପ୍ରବଳ ବର୍ଷାର ସମ୍ଭାବନା ଅଛି । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୪ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ କୁହାଯାଇଛି । ଗତ ୨୪ଘଣ୍ଟା ମଧ୍ୟରେ ଯାଜପୁର ଜିଲ୍ଲାର ଜେନାପୁରଠାରେ ୧୫୦ ମିଲିମିଟର ବର୍ଷା, ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠାଠାରେ ୧୨୯ ଦଶମିକ ୪, ରାୟଗଡା ଜିଲ୍ଲାର ଗୁଡାରୀଠାରେ ୧୨୮ ଦଶମିକ ୬ ଏବଂ କେନ୍ଦୁଝର ଜିଲ୍ଲାର ତେଲକୋଇଠାରେ ୧୨୬ ଦଶମିକ ୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।